# The Orissa Gazette

**EXTRAORDINARY**
**PUBLISHED BY AUTHORITY**

**No. 215, CUTTACK, THURSDAY, JANUARY 24, 2008/ MAGHA 4, 1929**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତା 4 ଜାନୁଆରୀ 2008

ନଂ.515-ଏଲ୍.ଏ.(ଏ)-58/2007-(ଭଦ୍ରକ)/ରା.ବି.ପ.— ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରାଜ୍ୟ ରାଜପଥ ନଂ. 53 (ଭଦ୍ରକ-ବସନ୍ତିଆ) ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ବରକଣା, ଥାନା-ବନ୍ତ ନଂ.107, ତହସିଲ-ବନ୍ତ, ଜିଲ୍ଲା-ଭଦ୍ରକରେ ତୁରନ୍ତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ଏଣୁ ଏତଦ୍ୱାରା ଅଧିସୂଚୀତ ହେଉଅଛି କି ଉପରୋକ୍ତ ଉଦ୍ଦେଶ୍ୟରେ ନିମ୍ନସୂଚୀ ମତେ ପ୍ରାୟ ଏ 0.29 କର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମ 1ର ଧାରା 4ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଅଧିସୂଚନାଟି ଏଥି ସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯେହେତୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭୂମି ତୁରନ୍ତ ଆବଶ୍ୟକ ବୋଲି ପ୍ରତୀତ ହେଉଅଛି, ରାଜ୍ୟ ସରକାରଙ୍କ ମତରେ ନିର୍ଦ୍ଦିଷ୍ଟ ହୋଇଥିବା ଭୂମିର ଅର୍ଜନ ପାଇଁ ଭୂ-ଅର୍ଜନ (ସଂଶୋଧିତ) ଆଇନ 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ଭୂ-ଅର୍ଜନ ଅଧିନିୟମ 1894 ର ଧାରା 17ର ଉପଧାରା (1) ବ୍ୟବସ୍ଥାଗୁଡ଼ିକ ପ୍ରଯୁଜ୍ୟ ଅଟେ ।

ସୁତରାଂ ଉକ୍ତ ଅଧିନିୟମ ଧାରା 17ର ଉପଧାରା 4 ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଜ୍ୟ ସରକାର ଏତଦ୍ୱାରା ନିର୍ଦ୍ଦେଶ ଦେଉଛନ୍ତି କି ଧାରା 5ମ (କ)ରେ ବ୍ୟବସ୍ଥାଗୁଡ଼ିକ ଉକ୍ତ ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ଉକ୍ତ ଭୂମି ସମ୍ବନ୍ଧରେ ପ୍ରଯୁଜ୍ୟ ହେବନାହିଁ ।

ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି 2006ରେ ସମସ୍ତ ସଂପୃକ୍ତ ବ୍ୟବସ୍ଥାଗୁଡ଼ିକ ଯଥା ବିହିତ ପାଳନ କରିବା ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ ପ୍ରଶାସନ ଦାୟୀ ରହିବେ ।

ଉକ୍ତ ଜମିର ଏକ ନକ୍ସା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଭୂ-ଅର୍ଜନ ବିଭାଗରେ ଦେଖିବାକୁ ମିଳିପାରିବ ।

ଭୂମି ଅନୁସୂଚୀ ଏଥି ସହିତ ସାମିଲ କରାଗଲା ।

## ଭୂମି ଅନୁସୂଚୀ

| ପ୍ଲଟ ନଂ. | ଭୂ-ଅର୍ଜନ ରକବା (ଏକରରେ) |
|---|---|
| (1) | (2) |
| 461 | 0.03 |
| 462 | 0.06 |
| 477 | 0.06 |
| 479 | 0.02 |
| 480 | 0.03 |
| 482 | 0.03 |
| 468 | 0.01 |
| 466 | 0.01 |
| 467 | 0.04 |
| | **ମୋଟ ଏ. 0.29 କର** |

ରାଜ୍ୟପାଳଙ୍କ ଆଦେଶକ୍ରମେ

ପ୍ରଦୀପ୍ତ କୁମାର ପଟନାୟକ
ଯୁଗ୍ମ ଶାସନ ସଚିବ

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 2127-193+20